Candidate must not write on this margin.

35XH7N

GEOGRAPHY

ଭୂଗୋଳ

PAPER - II

Time : 3 Hours
ସମୟ : ୩ ଘଣ୍ଟା
Full Marks : 250
ପୂର୍ଣ୍ଣ ସଂଖ୍ୟା : ୨୫୦

The question paper contains **18** ***(Eighteen)*** *questions.*
In **Group - A, 12** ***(Twelve)*** *and* **Group - B, 06** ***(Six)*** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **Group - A,** *(୧୨)* ଏବଂ **Group - B,** *(୦୬)*

କୁ ମିଶାଇ ୧୮ଟି ପ୍ରଶ୍ନ ରହିଛି ।

GROUP-A

ଗ୍ରୁପ୍ - A

Candidates to attempt ***10 (ten)*** *questions in* ***250*** *words.*

Each question carries ***15*** *marks.*

ପରୀକ୍ଷାର୍ଥୀମାନେ ୧୦ଟି ପ୍ରଶ୍ନ ୨୫୦ ଶବ୍ଦରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧୫ ମାର୍କ ।

1. Discuss the regional distribution of important metallic minerals in Odisha. Examine their contribution to the state's industrial development.

ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ଧାତବ ଖଣିଜ ପଦାର୍ଥଗୁଡିକର ଆଞ୍ଚଳିକ ବଣ୍ଟନ ସମ୍ପର୍କରେ ଆଲୋଚନା କର । ରାଜ୍ୟର ଶିଳ୍ପ ବିକାଶରେ ସେଗୁଡିକର ଅବଦାନ ସମୀକ୍ଷା କର ।

Candidate must not write on this margin.

2. Discuss the important pipeline transportation network in India, highlighting its advantages and disadvantages as a mode of transportation.

ଭାରତର ଗୁରୁତ୍ୱପୂର୍ଣ୍ଣ ପାଇପ୍‌ଲାଇନ୍ ପରିବହନ ନେଟୱାର୍କ ବିଷୟରେ ଆଲୋଚନା କର ଏବଂ ପରିବହନର ଏକ ମାଧ୍ୟମ ଭାବରେ ଏହାର ସୁବିଧା ଓ ଅସୁବିଧାଗୁଡିକୁ ଉଲ୍ଲେଖ କର ।

3. What is 'Eco-tourism'? Critically examine the potential growth, socio-economic benefits, and environmental challenges of Eco-tourism with special reference to India and Odisha.

'ପରିବେଶ-ପର୍ଯ୍ୟଟନ' କହିଲେ ତୁମେ କ'ଣ ବୁଝ ? ଭାରତ ତଥା ଓଡ଼ିଶାକୁ ଦୃଷ୍ଟିରେ ରଖି ପରିବେଶ-ପର୍ଯ୍ୟଟନର ସମ୍ଭାବ୍ୟ ବିକାଶ, ସାମାଜିକ-ଆର୍ଥିକ ଲାଭ ଏବଂ ପରିବେଶଗତ ଆହ୍ୱାନଗୁଡିକର ସମୀକ୍ଷାତ୍ମକ ବିଶ୍ଳେଷଣ କର ।

4. Discuss the salient geographical features of the major seaports along the coast of Eastern India and their significance in the development of hinterland areas.

ପୂର୍ବ ଭାରତ ଉପକୂଳବର୍ତ୍ତୀ ପ୍ରମୁଖ ସାମୁଦ୍ରିକ ବନ୍ଦରଗୁଡିକର ମୁଖ୍ୟ ଭୌଗୋଳିକ ବୈଶିଷ୍ଟ୍ୟ ଏବଂ ଏହାର ଅଭ୍ୟନ୍ତର ଅଞ୍ଚଳଗୁଡିକର ବିକାଶରେ ସେଗୁଡିକର ଗୁରୁତ୍ୱ ସଂପର୍କରେ ଆଲୋଚନା କର ।

5. Discuss the major rock systems of India and examine their significance in the distribution of economic resources.

ଭାରତର ପ୍ରମୁଖ ଶିଳା ଗଠନ ପ୍ରଣାଳୀଗୁଡିକ ବିଷୟରେ ଆଲୋଚନା କର ଏବଂ ଅର୍ଥନୈତିକ ସମ୍ବଳ ବଣ୍ଟନରେ ସେଗୁଡିକର ମହତ୍ତ୍ୱ ବିଶ୍ଳେଷଣ କର ।

6. What are biodiversity hotspots? Discuss the major characteristics and threats to biodiversity in the Western Ghats, and examine government initiatives for its conservation.

ଜୈବ-ବିବିଧତା ହଟ୍‌ସ୍ପଟ୍ (biodiversity hotspot) କହିଲେ ତୁମେ କ'ଣ ବୁଝ ? ପଶ୍ଚିମ ଘାଟ ଅଞ୍ଚଳରେ ଜୈବ-ବିବିଧତାର ପ୍ରମୁଖ ବୈଶିଷ୍ଟ୍ୟ ଓ ଏହାପ୍ରତି ଥିବା ବିପଦଗୁଡିକ ବିଷୟରେ ଆଲୋଚନାସହ ଏହାର ସଂରକ୍ଷଣ ପାଇଁ ସରକାରୀ ପଦକ୍ଷେପଗୁଡିକର ସମୀକ୍ଷା କର ।

Candidate must not write on this margin.

7. Examine the functional morphology of Bhubaneswar and how its identity has changed from a historic temple town to a modern administrative capital, educational, commercial, and IT hub.

ଭୁବନେଶ୍ୱରର କାର୍ଯ୍ୟକ୍ଷମ ଢାଞ୍ଚା ପରୀକ୍ଷା କରି ଏହାର ପରିଚୟ କିପରି ଏକ ଐତିହାସିକ ମନ୍ଦିର ସହରରୁ ଏକ ଆଧୁନିକ ପ୍ରଶାସନିକ ରାଜଧାନୀ, ଶିକ୍ଷାଗତ ବାଣିଜ୍ୟିକ ଏବଂ ଆଇଟି ହବ୍ (IT hub) ର କେନ୍ଦ୍ରସ୍ଥଳରେ ପରିବର୍ତ୍ତନ ହୋଇଛି, ଆଲୋଚନା କର ।

8. Define the concepts of "Agro-climatic Regions." Explain how agro-climatic regions are the best agricultural systems for the maximum crop production, economic prosperity, and sustainable environmental protection of India.

କୃଷି ଜଳବାୟୁ କ୍ଷେତ୍ରର ଧାରଣା କହିଲେ କ'ଣ ବୁଝ ? ଭାରତର ସର୍ବାଧିକ ଫସଲ ଉତ୍ପାଦନ, ଆର୍ଥିକ ସମୃଦ୍ଧି ଏବଂ ସ୍ଥାୟୀ ପରିବେଶ ସୁରକ୍ଷା ପାଇଁ କୃଷି-ଜଳବାୟୁ କ୍ଷେତ୍ରଗୁଡିକ କିପରି ସର୍ବୋତ୍ତମ କୃଷି ପ୍ରଣାଳୀ, ଆଲୋଚନା କର ।

9. Analyze the ongoing water-sharing conflict between Odisha and Chhattisgarh over the Mahanadi River. Detail how upstream dam construction impacts downstream ecology, agriculture, and industries in Odisha.

ମହାନଦୀକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ଜଳଭାଗବଣ୍ଟନ ବିବାଦର ବିଶ୍ଳେଷଣ କର । ଉପରମୁଣ୍ଡ ନଦୀବନ୍ଧ ନିର୍ମାଣ କିପରି ଓଡ଼ିଶାର ନିମ୍ନଗାମୀ ପରିବେଶ, କୃଷି ଓ ଶିଳ୍ପକୁ ପ୍ରଭାବିତ କରେ, ତାହାର ବିସ୍ତୃତ ବିବରଣୀ ପ୍ରଦାନ କର ।

10. Examine the spatial distribution and utilization patterns of land resources in India. Evaluate the major anthropogenic activities of land degradation and suggest comprehensive sustainable land management strategies in Odisha.

ଭାରତରେ ଭୂମି ସମ୍ପଦର ସ୍ଥାନିକବଣ୍ଟନ ଏବଂ ଉପଯୋଗ ପଦ୍ଧତି ସମ୍ବନ୍ଧରେ ଆଲୋଚନା କର । ଭୂମି ଅବକ୍ଷୟର ପ୍ରମୁଖ ମନୁଷ୍ୟକୃତ କାର୍ଯ୍ୟକଳାପର ମୂଲ୍ୟାଙ୍କନ କରି ଓଡ଼ିଶାରେ ବ୍ୟାପକ ସ୍ଥାୟୀ ଭୂମି ପରିଚାଳନାର ରଣନୀତି ପାଇଁ ପରାମର୍ଶ ଦିଅ ।

Candidate must not write on this margin.

11. Explain the uneven spatial distribution and varying density of population in India. Highlight the physical, economic, and historical factors responsible for regional disparities with special reference to Odisha.

ଭାରତରେ ଜନସଂଖ୍ୟାର ଅସମାନ ସ୍ଥାନିକ ବଣ୍ଟନ ଏବଂ ବିଭିନ୍ନ ଘନତ୍ୱ ସମ୍ବନ୍ଧରେ ଆଲୋଚନା କର । ଓଡ଼ିଶାର ସ୍ୱତନ୍ତ୍ର ପରିପ୍ରେକ୍ଷୀରେ ଆଞ୍ଚଳିକ ବୈଷମ୍ୟ ପାଇଁ ଦାୟୀ ଭୌତିକ, ଅର୍ଥନୈତିକ ଏବଂ ଐତିହାସିକ କାରଣଗୁଡିକ ଉପରେ ଆଲୋକପାତ କର ।

12. Discuss the spatial distribution of major crops and their production in India, and assess their potential for livelihoods and socio-economic significance for the development of Odisha.

ଭାରତରେ ପ୍ରମୁଖ ଫସଲର ସ୍ଥାନିକ ବଣ୍ଟନ ଏବଂ ସେଗୁଡିକର ଉତ୍ପାଦନ ବିଷୟରେ ଆଲୋଚନା କର । ଓଡ଼ିଶାର ବିକାଶ ପାଇଁ ଜୀବିକା ନିର୍ବାହର ସାମର୍ଥ୍ୟ ଏବଂ ସାମାଜିକ-ଅର୍ଥନୈତିକ ଗୁରୁତ୍ୱ ଦୃଷ୍ଟିରୁ ତାହାର ମୂଲ୍ୟାୟନ କର ।

GROUP-B

ଗ୍ରୁପ୍ - B

*Candidates to attempt **05 (five)** questions in **300** words.*

*Each question carries **20** marks.*

ପରୀକ୍ଷାର୍ଥୀମାନେ ୦୫ଟି ପ୍ରଶ୍ନ ୩୦୦ ଶବ୍ଦରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨୦ ମାର୍କ ।

13. India's total fertility rate has fallen below the replacement level of 2.1, yet its population is expected to continue growing in the coming decades. Critically evaluate the statement.

ଭାରତର ମୋଟ ପ୍ରଜନନ ହାର (TFR) 2.1 ପ୍ରତିସ୍ଥାପନ ସ୍ତରରୁ ଖସି ଆସିଥିଲେ ମଧ୍ୟ, ଆଗାମୀ ଦଶନ୍ଧିଗୁଡିକର ଦେଶର ଜନସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଅଛି । ଏହି ବିବୃତ୍ତିର ସମୀକ୍ଷାତ୍ମକ ବିଶ୍ଳେଷଣ କର ।

Candidate must not write on this margin.

14. The existing urban framework of India relies on a rigid binary. Govt. of India is contemplating to introduce a new category of Functional Urban Settlement (FUS). Elaborate.

ଭାରତର ବର୍ତ୍ତମାନର ସହରାଞ୍ଚଳ ଭିତ୍ତିଭୂମି ଢାଞ୍ଚା ଏକ କଠୋର ଦ୍ୱୈତ ବିଭାଜନ ଉପରେ ନିର୍ଭର କରେ । ଭାରତ ସରକାର ଏକ ନୂତନ ବର୍ଗ ''କାର୍ଯ୍ୟକ୍ଷମ ସହରୀ ଜନବସତି'' (Functional Urban Settlement) ସୃଷ୍ଟି କରିବା ପାଇଁ ଯୋଜନା କରୁଛନ୍ତି । ଏହାକୁ ବୁଝାଇ ଲେଖ ।

15. Discuss the major linguistic regions of India. Critically examine the scope and challenges of implementing the three-language formula in Odisha.

ଭାରତର ପ୍ରମୁଖ ଭାଷାଭିତ୍ତିକ ଅଞ୍ଚଳଗୁଡିକ ବିଷୟରେ ଆଲୋଚନା କର । ଓଡ଼ିଶାରେ ତ୍ରି-ଭାଷା ସୂତ୍ର କାର୍ଯ୍ୟକାରୀ କରିବାର ପରିସର ଓ ଆହ୍ୱାନଗୁଡିକୁ ସମୀକ୍ଷାତ୍ମକ ଆଲୋଚନା କର ।

16. Discuss the proposed Bhubaneswar-Cuttack-Puri-Paradeep Economic Region (BCPPER) and the government plan to develop the Region.

ପ୍ରସ୍ତାବିତ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳ (BCPPER) ଏବଂ ଏହି ଅଂଚଳର ଉନ୍ନତି ପାଇଁ ସରକାରଙ୍କ ଯୋଜନା ଉପରେ ଆଲୋଚନା କର ।

17. Discuss the spatial distribution of Particularly Vulnerable Tribal Groups (PVTGs) in India. Examine the government initiatives that support the welfare and development of PVTGs in special reference to Odisha.

ଭାରତରେ ବିଶେଷ ଭାବେ ଦୁର୍ବଳ ଆଦିବାସୀ ଗୋଷ୍ଠୀ (PVTGs) ମାନଙ୍କର ଭୌଗୋଳିକ ବଣ୍ଟନ ସମ୍ପର୍କରେ ଆଲୋଚନା କର । ଓଡ଼ିଶା ଆଧାରରେ ପିଭିଟିଜି (PVTGs) ଗୁଡିକର କଲ୍ୟାଣ ଏବଂ ବିକାଶ ପାଇଁ ଗ୍ରହଣ କରାଯାଇଥିବା ସରକାରୀ ପଦକ୍ଷେପଗୁଡିକୁ ସମୀକ୍ଷା କର ।

18. Evaluate the utilization of surface and groundwater resources in Odisha. Discuss the structural issues of water management in the Mahanadi basin, balancing irrigation needs with industrial demands.

ଓଡ଼ିଶାରେ ଭୂପୃଷ୍ଠ ଏବ ଭୂତଳ ଜଳସମ୍ପଦର ବ୍ୟବହାରର ମୂଲ୍ୟାଙ୍କନ କର । ଜଳସେଚନ ଆବଶ୍ୟକତା ଓ ଶିଳ୍ପକ୍ଷେତ୍ରର ଚାହିଦା ମଧ୍ୟରେ ସନ୍ତୁଳନ ରକ୍ଷାକରି ମହାନଦୀ ଅବବାହିକାରେ ଜଳପରିଚାଳନା ସମ୍ବନ୍ଧୀୟ ଗଠନଗତ ସମସ୍ୟାଗୁଡିକ ଉପରେ ଆଲୋଚନା କର ।

◆ ◆ ◆